# ପ୍ରମୋଦଙ୍କ ନାଟକରେ ପାଠକୀୟ ଓ ସାମାଜିକ ମୂଲ୍ୟ ରହିଛି



■ ସମ୍ବଲପୁର, ତା ୩୦।୧୦(ପିଏନଏସ)

ନାଟ୍ୟକାର ସ୍ୱର୍ଗତଃ ପ୍ରମୋଦ ତ୍ରିପାଠୀଙ୍କ ସ୍ମୃତିରେ ସାହିତ୍ୟ ଏକାଡେମୀ ଓ ସ୍ମୃତି ସମିତି ଅନୁକଲ୍ୟାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ତାଙ୍କ ନାଟକରେ ପାଠକୀୟ ଓ ସାମାଜିକ ମୂଲ୍ୟବୋଧ ରହିଥିବା ପ୍ରକାଶ କରାଯାଇଛି । ପ୍ରବନ୍ଧ ଉପସ୍ଥାପନା କରି ଡ. ଦୀପଶିଖା ସୋହେଲା କହିଛନ୍ତି ଯେ ଅତ୍ୟଧିକ ବୌଦ୍ଧିକ ଉପାଦାନକୁ ନେଇ ନାଟକ ପରିବେଷିତ ହେଉଥିବାରୁ ଲୋକଙ୍କ ଠାରୁ ତାହା ଦୂରେଇ ଯାଉଥିଲା । ଏହି ସମୟରେ ଅଶି ଦଶକର ଲୋକ ଉପାଦାନକୁ ନେଇ ଯେଉଁ କେତେକ ନାଟ୍ୟକାର ନାଟକକୁ ଦର୍ଶକଙ୍କ ପାଖକୁ ଫେରାଇ ଆଣିବାରେ ସଫଳ ହୋଇଥିଲେ ସେମାନଙ୍କ ମଧ୍ୟରେ ପ୍ରମୋଦ ତ୍ରିପାଠୀ ଅନନ୍ୟ ।

ସ୍ମୃତି ସଂସଦ ସଭାପତି ଡ. ଦ୍ୱାରିକାନାଥ ନାୟକ ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ସଂକ୍ଷିପ୍ତ ଜୀବନୀ ବ୍ୟକ୍ତ କରିବା ସହ ତାଙ୍କ ସଫଳ ନାଟ୍ୟ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଡ.ମୋହନ ସାହୁ କହିଥିଲେ ଯେ ସମ୍ବଲପୁରୀ ନାଟକର ସୁବର୍ଣ୍ଣ ଯୁଗ ଆରମ୍ଭ ହେବା ସମୟରେ ପ୍ରମୋଦ ତ୍ରିପାଠୀଙ୍କ ଯୁଗାନ୍ତକାରୀ ଓଡ଼ିଆ ନାଟକଗୁଡ଼ିକ ମଧ୍ୟ ସୃଷ୍ଟି ହୋଇଛି । ନାଟ୍ୟକାର ତ୍ରିପାଠୀ ଏକ ବଳିଷ୍ଠ ସମାଜ ଗଠନ ପାଇଁ ନାଟକ ଲେଖୁଥିଲେ । ତେଣୁ ତାଙ୍କ ନାଟକ ଗୁଡ଼ିକର ପାଠକୀୟ ମୂଲ୍ୟ ସହ ନାଟକୀୟ ଓ ସାମାଜିକ ମୂଲ୍ୟ ରହିଛି । ପ୍ରମୋଦ ତ୍ରିପାଠୀଙ୍କ ସମସ୍ତ ନାଟକ ପ୍ରକାଶ ପାଇବା ପରେ ହିଁ ଆମେ ତାଙ୍କୁ ଠିକ ଭାବରେ ଆକଳନ କରିପାରିବା ବୋଲି ଡ. ଶ୍ୟାମ ଭୋଇ କହିଥିଲେ । ସଭାମୁଖ୍ୟ ବିଜୟାନନ୍ଦ ସିଂଙ୍କ ନାଟକ ଗୁଡ଼ିକ ସୁଦୂରପ୍ରସାରୀ ବାର୍ତ୍ତା ବହନ କରେ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ଡ. ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।